# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 March - 2026

*************************************

## ମୁଖ୍ୟ ସମ୍ବାଦ

- ମଧ୍ୟ ପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧରେ ଓଡ଼ିଆଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହେଲା ହେଲ୍ପଲାଇନ୍ ନମ୍ବର; ସ୍ଥିତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

- ସ୍ନେହ, ସଦିଚ୍ଛା, ସୌହାର୍ଦ୍ଦ୍ୟ ଏବଂ ଭାଇଚାରାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଦୋଳ ପୂର୍ଣ୍ଣିମା

— ଗ୍ରହଣ ମୋକ୍ଷ ପରେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ହେବ ରାଜାଧିରାଜ ବେଶ

- ହୋଲି ପର୍ବକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା

— କଟକ ସହରରେ ମୁତୟନ ହେଲେ ୨୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍

ଏବଂ

- ଜୈବ ବିବିଧତାରେ ବନ୍ୟପ୍ରାଣୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଆଜି ପାଳନ କରାଯାଉଛି 'ବିଶ୍ୱ ବନ୍ୟପ୍ରାଣୀ ଦିବସ'

## ହେଲ୍ପଲାଇନ୍ ନମ୍ବର

ମଧ୍ୟ ପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ପରିପ୍ରେକ୍ଷୀରେ ଭାରତୀୟଙ୍କ ସୁରକ୍ଷା ପାଇଁ ଭାରତୀୟ ବୈଦେଶିକ ବିଭାଗ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି। ୨୪ ଘଣ୍ଟିଆ ଏହି ଟୋଲ ଫ୍ରି ନମ୍ବର ହେଉଛି ୮୦୦-୪୬୩୪୨।

ଅନ୍ୟପକ୍ଷରେ, ଯୁଦ୍ଧ ସ୍ଥିତି ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିଛନ୍ତି। ଗୃହ ବିଭାଗ, ଶ୍ରମ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତଭାବେ କାମ କରୁଥିବା ସୂଚନା ଦେଇଛନ୍ତି। ଓଡ଼ିଶା ପରିବାର ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ପ୍ରୀତିଶ ପଣ୍ଡାଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି। ସୂଚନା ପାଇଁ ତାଙ୍କର ହ୍ୱାଟ୍ସ୍ଆପ୍ ନମ୍ବର ୯୫୮୩୩-୨୧୯୬କୁ ସାର୍ବଜନୀନ କରାଯାଇଛି। ସମସ୍ତ ଓଡ଼ିଆଙ୍କୁ ସୁରକ୍ଷିତ ଭାବେ ରାଜ୍ୟକୁ ଫେରାଇ ଆଣିବା ପାଇଁ ଚେଷ୍ଟା ଜାରି ରହିଥିବା ନେଇ ଶ୍ରମମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ କହିଛନ୍ତି।

## ଦୋଳପୂର୍ଣ୍ଣିମା-ଶ୍ରୀମନ୍ଦିର

ଭଗବାନ ଶ୍ରୀକୃଷ୍ଣଙ୍କର ଲୀଳା ମାଧୁର୍ଯ୍ୟକୁ ନେଇ ଯୁଗଯୁଗ ଧରି ପାଳିତ ହୋଇଆସୁଥିବା ମହୋତ୍ସବ ଗୁଡ଼ିକ ମଧ୍ୟରେ ଦୋଳଯାତ୍ରା ଓ ହୋଲି ଏକ ଶ୍ରେଷ୍ଠ ଗଣପର୍ବ ଭାବେ ପାଳନ କରାଯାଇଥାଏ । ବସନ୍ତଋତୁକୁ ସ୍ୱାଗତ କରିବାକୁ ଏହି ପର୍ବ ସ୍ନେହ, ସଦିଚ୍ଛା, ସୌହାର୍ଦ୍ଦ୍ୟ ଏବଂ ଭାଇଚାରାର ପ୍ରତୀକ ଭାବେ ପାଳନ କରାଯାଉଛି । ଫଗୁ ଦଶମୀରୁ ଆରମ୍ଭ ହୋଇଥିବା ଦୋଳଯାତ୍ରା ଆଜି ଦୋଳପୂର୍ଣ୍ଣମୀରେ ରାଧାକୃଷ୍ଣ ମନ୍ଦିର କିମ୍ବା ଶ୍ରୀଜଗନ୍ନାଥ ମନ୍ଦିରର ଚଳନ୍ତି ପ୍ରତିମାଙ୍କୁ ଦୋଳ ବା ବିମାନରେ ବସାଇ ଦୋଳ ମେଳଣ କରାଯାଇଥାଏ । ଓଡ଼ିଆ ଜ୍ୟୋତିର୍ବିଦ୍‌ଙ୍କ ତଥ୍ୟ ଅନୁସାରେ, ଦୀର୍ଘ ୮ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳ ପର୍ବ ପାଳିତ ହୋଇ ଆସୁଛି । ଏହି ପର୍ବ ୫ ଦିନ ମହାସମାରୋହରେ ପାଳିତ ହୋଇଥିବାରୁ ଏହାକୁ ରଜଦୋଳ ବା ପଞ୍ଚୁଦୋଳ କୁହାଯାଇଥାଏ । ରାଜ୍ୟର ବିଭିନ୍ନ ସ୍ଥାନରେ ଦୋଳ ମେଳଣ ଭିନ୍ନ ଭିନ୍ନ ପ୍ରକାରରେ ପାଳନ କରାଯାଇଛି ।

ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ଆଜି **ପୁରୀ** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଜାଧିରାଜ ବେଶ ଅନୁଷ୍ଠିତ ହେବ । ତେବେ କେତୁ ଗ୍ରସ୍ତ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିରରେ ଆଜି ବିଶେଷ ନୀତି ଅନୁଷ୍ଠିତ ହେବ । ଚନ୍ଦ୍ରଗ୍ରହଣକୁ ଦୃଷ୍ଟିରେ ରଖି ଗତ ରାତି ୧୦ଟା ୫୫ରେ ପହୁଡ ନୀତି ସମ୍ପାଦନ କରାଯାଇଥିଲା ।

ଆଜି ସକାଳେ ମହାପ୍ରଭୁଙ୍କ ମଙ୍ଗଳ ଆଳତୀ, ଅବକାଶ ପୂଜା ଓ ମେକାପ ସର୍ବାଙ୍ଗ ନୀତି ଶେଷ କରାଯାଇ ବେଶ କରାଯାଇଛି ।

**ନୟାଗଡ଼** ଜିଲ୍ଲା କଣ୍ଟିଲୋ ଶ୍ରୀନୀଳମାଧବଜୀଉଙ୍କ ସିଂହଦ୍ୱାରସ୍ଥିତ ଦୋଳମଣ୍ଡପକୁ ଠାକୁରଙ୍କ ସକାଳ ରୀତିନୀତି ସମ୍ପନ୍ନ ପରେ ଶ୍ରୀଜୀଉଙ୍କ ଚଳନ୍ତୀପ୍ରତିମା ମଦନମୋହନ ଏବଂ ଦୋଳଗୋବିନ୍ଦଙ୍କୁ ବିଜେ କରାଯାଇଥିଲା। ଏହାସହ ବିଶେଷ ନୀତି ଅନୁଷ୍ଠିତ ହୋଇଛି।

**ସୁବର୍ଣ୍ଣପୁର** ଜିଲ୍ଲା ବିନିକା ନିକଟସ୍ଥ ମହାନଦୀ ପାପକ୍ଷୟ ଘାଟରେ ଆୟୋଜିତ ଗ୍ରହଣ ମେଳାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଗ୍ରହଣ ଛାଡ ବା ମୋକ୍ଷ ବେଳାରେ ଲୋକେ ମହାନଦୀରେ ବୁଡ ପକାଇ ବୃହତ୍ ବଟବୃକ୍ଷର ଅର୍ଗଳୀରେ ଗଳିବା ଦ୍ୱାରା ପାପକ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଛି।

**ଭଦ୍ରକ** ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୋଳ ଉତ୍ସବରେ ରାଧାକୃଷ୍ଣ ବିଗ୍ରହଙ୍କୁ ବିମାନରେ ନିଆଯାଇ ଗ୍ରାମ ପରିକ୍ରମା କରାଯାଇଛି। ୧୯୪୨ ମସିହା ବ୍ରିଟିଶ ସମୟରୁ ଭଣ୍ଡାରିପୋଖରିଠାରେ ଆରମ୍ଭ ହୋଇଥିବା ମୁନ୍‌ସୀ ମେଳଣ ମହାସମାରୋହରେ ପାଳିତ ହୋଇଛି।

# ହୋଲି

ହୋଲି ପର୍ବକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ବିଶୃଙ୍ଖଳାକାରୀଙ୍କୁ ନିୟନ୍ତ୍ରଣ କରିବା ପାଇଁ କେତେକ ମାର୍ଗଦର୍ଶିକା ଜାରି କରିବା ସହିତ ପ୍ରତିକାରମୂଳକ ପଦକ୍ଷେପ ନିଆଯାଇଥିବା ନେଇ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି। ହୋଲି ପର୍ବ ସମୟରେ କଟକ ସହରରେ ୨୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍ ସହିତ ବରିଷ୍ଠ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ସହରର ଗହଳିପୂର୍ଣ୍ଣ ଛକଗୁଡ଼ିକରେ ଯାଞ୍ଚ କଡାକଡି  କରାଯିବ। ଗଳିକନ୍ଦିରେ ବାଇକ୍ ପିସିଆର ମାଧ୍ୟମରେ ପାଟ୍ରୋଲିଂ ସହିତ ମଦ୍ୟପାନ କରି ହୋଲି ଖେଳିଲେ ଅଥବା ଗାଡି ଚଳାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଡିସିପି ସୂଚନା ଦେଇଛନ୍ତି।

ଅନ୍ୟପଟେ ନଦୀରେ ଗାଧୋଇବା ସମୟରେ ଦୁର୍ଘଟଣାକୁ ଏଡାଇବା ପାଇଁ ଅଗ୍ନିଶମ ବାହିନୀକୁ ସଜାଗ ରଖାଯିବା ସହିତ ନଦୀରେ ବୋଟ୍ ଜରିଆରେ ପାଟ୍ରୋଲିଂ ଓ ନଦୀ ଘାଟରେ ସତର୍କ ନଜର ରଖିବାକୁ ଅଗ୍ନିଶମ କର୍ମଚାରୀଙ୍କୁ ମୁତୟନ କରାଯାଇଛି।

## ଚନ୍ଦ୍ରଗ୍ରହଣ

ଆଜି ସମ୍ପୂର୍ଣ୍ଣ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହେଉଛି । ଦିନ ୩ଟା ୨୦ରେ ଚନ୍ଦ୍ରଗ୍ରହଣ ଆରମ୍ଭ ହୋଇ ସଂଧ୍ୟା ୬ଟା ୪୭ରେ ଶେଷ ହେବ । ସମୁଦାୟ ଚନ୍ଦ୍ରଗ୍ରହଣ ସମୟ ୩ଘଣ୍ଟା ୨୭ମିନିଟ୍ ଓ ପୂର୍ଣ୍ଣଗ୍ରାସ ସମୟ ଅଣଷଠୀ ମିନିଟ୍ ରହିବ ବୋଲି ଜଣାପଡିଛି  ।ତେଣୁ ଆଜି ସୂର୍ଯ୍ୟୋଦୟରୁ ପାକତ୍ୟାଗ ଆରମ୍ଭ ହୋଇଛି ।ଏହି ପୂର୍ଣ୍ଣ ଚନ୍ଦ୍ରଗହଣ ଓଡ଼ିଶା ସମେତ ୬ଟି

ରାଜ୍ୟର କେତେକ ଅଞ୍ଚଳରେ ସ୍ପଷ୍ଟଭାବେ ଦୃଶ୍ୟମାନ ହେବ ବୋଲି ଜଣାପଡିଛି ।

## ବିଶ୍ୱ ବନ୍ୟପ୍ରାଣୀ ଦିବସ

ବିଶ୍ୱର ଜୈବ ବିବିଧତାରେ ବନ୍ୟପ୍ରାଣୀଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଓ ସେମାନଙ୍କ ସଂରକ୍ଷଣ ତଥା ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜ ବିଶ୍ୱବନ୍ୟପ୍ରାଣୀ ଦିବସ  ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ସ୍ୱାସ୍ଥ୍ୟ, ଐତିହ୍ୟ ଓ ଜୀବିକା ସଂରକ୍ଷଣ ପାଇଁ ଔଷଧୀୟ ଏବଂ ସୁଗନ୍ଧିତ ଉଦ୍ଭିଦ'। ୨୦୧୩ ମସିହା ଡିସେମ୍ବର ମାସ ୨୦ ତାରିଖରେ ମିଳିତ ଜାତିସଂଘ ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଥିଲା। ୨୦୧୪ ମସିହାରୁ ଏହି ଦିବସ ପାଳନ କରାଯାଉଛି। ଆମ ଶାସ୍ତ୍ର ସମସ୍ତ ଜୀବମାନଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରେ। ବନ୍ୟ ଜୀବ ସୁରକ୍ଷା ସହିତ ସେମାନଙ୍କ ପ୍ରତି ସମ୍ବେଦନଶୀଳତାକୁ ପ୍ରେରଣା ଦେଇଥାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି।

## ଆଶ୍ରମ ପରିଦର୍ଶନ

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ **ନବରଙ୍ଗପୁର** ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଜିଲ୍ଲାର ମାଝୀଗୁଡ଼ାଠାରେ ଥିବା ଉତ୍କଳ ବାଳିକା ଆଶ୍ରମ ପରିଦର୍ଶନ କରି ୪୮ ଜଣ ଅନ୍ତେବାସୀଙ୍କ ସହ ଆଲୋଚନା କରିଛନ୍ତି। ଚଳିତ ଶିକ୍ଷାବର୍ଷରେ ନବରଙ୍ଗପୁର ଜିଲ୍ଲାର ସମସ୍ତ

ବିଦ୍ୟାଳୟରେ ଯୋଗ୍ୟ ଶିଶୁମାନଙ୍କ ନାମ ଲେଖାଯିବା ସହିତ ସେମାନଙ୍କୁ ସବୁ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

## ଜଙ୍ଗଲ ନିଆଁ

ଜଙ୍ଗଲ ନିଆଁକୁ ରୋକିବା ପାଇଁ ରାଜ୍ୟର ୫୧ଟି ସବ୍‌ଡିଭିଜନରେ୍ ସ୍ୱତନ୍ତ୍ର ନଜର ରଖାଯାଇଥିବା ନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ କହିଛନ୍ତି। ସେ କହିଛନ୍ତି,  ଜିଲ୍ଲା ବନ ଅଧିକାରୀଙ୍କ ସହିତ ନିୟମିତ ବୈଠକ କରାଯିବା ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକ ନିଆଯାଉଛି। ତଥ୍ୟ ଅନୁଯାୟୀ, ବିଗତ ୨ ବର୍ଷ ମଧ୍ୟରେ ଅଣଜଙ୍ଗଲ ଅଂଚଳରେ ଅଧିକ ନିଆଁ ଲାଗୁଛି। ମୁଖ୍ୟତଃ ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ଜଙ୍ଗଲରେ ନିଆଁ ଲାଗୁଛି।

# ଅଭିଯୋଗ ଶୁଣାଣି

ମହିଳାଙ୍କ ଅଧିକାର, କଲ୍ୟାଣ ଏବଂ ଅନ୍ୟାନ୍ୟ ସମସ୍ୟା ସହ ଜଡିତ ଅଭିଯୋଗର ଶୁଣାଣି ପାଇଁ ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୦ଟାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜାତୀୟ ମହିଳା ଆୟୋଗ ଏବଂ ରାଜ୍ୟ ମହିଳା ଆୟୋଗର ମିଳିତ ସହଯୋଗରେ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭାଗୃହରେ ହେବାକୁଥିବା ଜନଶୁଣାଣିରେ ଅଭିଯୋଗ ଗୁଡ଼ିକର ସମାଧାନ ଚାହୁଁଥିବା ଅଭିଯୋଗକାରୀ ମହିଳା ଓ ଅନ୍ୟପକ୍ଷମାନେ ଉପସ୍ଥିତ ରହି ନିଜ ପକ୍ଷ ଉପସ୍ଥାପନ କରିପାରିବେ। ଏହାର ସୁଯୋଗ ନେବାକୁ ଆୟୋଗଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

## ଶ୍ରମିକ ନିରାକରଣ

**ନୂଆପଡ଼ା** ଜିଲ୍ଲା କୁଲିଆବନ୍ଧା ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ନିରାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲ୍ଲାର ପ୍ରବାସୀ ଶ୍ରମିକ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ସହଯୋଗ ଓ ସହଭାଗିତା କାମନା କରିଛନ୍ତି।

## ଶ୍ରବଣ ଦିବସ

ଶ୍ରୁତି ବାଧିତମାନଙ୍କ ପାଇଁ ଆବଶ୍ୟକୀୟ ଶିକ୍ଷା ଓ ସ୍ୱାସ୍ଥ୍ୟବ୍ୟବସ୍ଥା ଉପଲବ୍ଧ କରାଇବା ସହିତ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ଶ୍ରବଣ ଶକ୍ତି ଦିବସ ଭାବେ ପାଳନ କରାଯାଉଛି। ବଧିରତାକୁ ରୋକିବା, ଚିକିତ୍ସା ଓ ପ୍ରତିକାର କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ନିଷ୍ପତ୍ତିକ୍ରମେ ପ୍ରତିବର୍ଷ ମାର୍ଚ୍ଚ ମାସ ୩ ତାରିଖକୁ ଏହି ଦିବସ ଭାବେ ପାଳନ କରାଯାଉଛି। ସୂଚନାଯୋଗ୍ୟ, ସମଗ୍ର ବିଶ୍ୱରେ ୭୦ ନିୟୁତରୁ ଅଧିକ ଲୋକ ଆଂଶିକ କିମ୍ବା ସମୁଦାୟ ବଧିରତାରେ ପିଡ଼ିତ ଅଛନ୍ତି। ସେଥିମଧ୍ୟରୁ ୮୦ ପ୍ରତିଶତ ଲୋକ ବିକାଶଶୀଳ ରାଷ୍ଟ୍ରର ହୋଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି।

## ଇଗ୍ନୋ ନାମଲେଖା

ଚଳିତ ଶିକ୍ଷାବର୍ଷ ପାଇଁ ଇଗ୍‌ନୋ ନାମଲେଖା ଅବଧିକୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆଗ୍ରହୀ ଛାତ୍ର ଛାତ୍ରୀ ବିଭିନ୍ନ ପାଠ୍ୟକ୍ରମରେ ନାମ

ଲେଖାଇବା ପାଇଁ ଇଗନୋ ୱେବ୍‌ସାଇଟ୍ www.ignou.ac.in କୁ ଯାଇ ଅଧିକ ତଥ୍ୟ ଜାଣିପାରିବେ ।

# ଶିକ୍ଷାନୁଷ୍ଠାନ-ମାର୍ଗଦର୍ଶିକା

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି । ମାର୍ଗଦର୍ଶିକା ଅନୁଯାୟୀ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସକାଳ ସମୟରେ ପରୀକ୍ଷା ଏବଂ ଶିକ୍ଷାଦାନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଅପରାହ୍ଣରେ ଖେଳକୁଦ ନକରିବା ପାଇଁ ପରାମର୍ଶ ଦିଆଯାଇଥିବାବେଳେ କ୍ୟାମ୍ପସ ମଧ୍ୟରେ ସମସ୍ତ ସ୍ଥାନରେ ପାନୀୟଜଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି ।

# ଅନନ୍ୟ ଅସ୍ମିତା ଲିଗ୍

ଅନ୍ତର୍ଜାତୀୟ ମହିଳା ଦିବସ ଆସନ୍ତା ୮ ତାରିଖରେ ପାଳନ ହେବା ଉପଲକ୍ଷେ ଦେଶବ୍ୟାପୀ 'ଅନନ୍ୟ ଅସ୍ମିତା ଲିଗ୍' କାର୍ଯ୍ୟକ୍ରମର ଆୟୋଜନ ନେଇ କେନ୍ଦ୍ର କ୍ରୀଡା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ୍‌ସେ ଘୋଷଣା କରିଛନ୍ତି। ଏହି ଲିଗ୍ ଦେଶର ୨୫୦ଟି କେନ୍ଦ୍ରରେ ଅନୁଷ୍ଠିତ ହେବ। ଓଡ଼ିଶାରେ ୭ଟି ସେଣ୍ଟର ରହିଛି। ବଲାଙ୍ଗିର, ଭଦ୍ରକ, ଗଜପତି, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡା ଓ ନୟାଗଡ଼ରେ ବିଭିନ୍ନ ବୟସ ବର୍ଗରେ ଆଥଲେଟିକ୍ ଇଭେଣ୍ଟମାନ ଅନୁଷ୍ଠିତ ହେବ। କ୍ରୀଡାକୁ କ୍ୟାରିୟର ଭାବେ ଗ୍ରହଣ କରିବା କ୍ଷେତ୍ରରେ ଗ୍ରାମାଞ୍ଚଳ ଓ ଛୋଟଛୋଟ ସହରର ବାଳିକାମାନଙ୍କୁ ଆକର୍ଷିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।